
# ଦ୍ୱିତୀୟ ପାଠ

# ବନ୍ୟପ୍ରାଣୀ

ଅରଣ୍ୟ, ତୃଣଭୂମି, ନଦୀ, ସମୁଦ୍ର ଓ ଜଳାଶୟଗୁଡ଼ିକ ବିଭିନ୍ନ ପଶୁପକ୍ଷୀ, ସରୀସୃପ ଓ ଜଳଚରଜୀବମାନଙ୍କର ନିର୍ଭୟ ଓ ମୁକ୍ତ ବାସସ୍ଥାନ । ଏଗୁଡ଼ିକ ଆମ ପ୍ରାକୃତିକ ପରିବେଶ ଓ ପରିସଂସ୍ଥାର ବିଶିଷ୍ଟ ଅଙ୍ଗ । ତେଣୁ ଏହାର ସୁରକ୍ଷା ଏକାନ୍ତ ଆବଶ୍ୟକ ।

ଭାରତର ବିଭିନ୍ନ ଅଞ୍ଚଳରେ ପ୍ରାକୃତିକ ପରିବେଶ ମୁଖ୍ୟତଃ ଭୌଗୋଳିକ ସ୍ଥିତି, ଭୂ-ଉଚ୍ଚାବଚ, ଜଳବାୟୁ ଓ ଉଦ୍ଭିଦମଣ୍ଡଳର ବିବିଧତା ହେତୁ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ ଦେଖାଯାନ୍ତି । ଭାରତରେ ପ୍ରାୟ ୮୯,୦୦୦ରୁ ଅଧିକ ପ୍ରକାରର ପ୍ରାଣୀ, ୧୨୦୦ ପ୍ରକାରର ପକ୍ଷୀ ଏବଂ ୨୫୦୦ ପ୍ରକାରର ମାଛ ରହିଛନ୍ତି । କେତେକ ପ୍ରାଣୀ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖାଯାଉଥିବାବେଳେ ଅନ୍ୟ କେତେକ ପ୍ରାଣୀ ସବୁ ସ୍ଥାନରେ ଦେଖିବାକୁ ମିଳନ୍ତି । ଅନୁକୂଳ ପ୍ରାକୃତିକ ପରିବେଶ ଓ ପରିସଂସ୍ଥା ହିଁ ଏମାନଙ୍କର ଉପଯୁକ୍ତ ବାସସ୍ଥାନ ।





ମାନଚିତ୍ର : 4.3

ଭାରତରେ ବାସ କରୁଥିବା ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ ମଧ୍ୟରୁ ହାତୀ, ବାଘ, ସିଂହ, ଗଣ୍ଡା, ଭାଲୁ, ଗୟଳ, ହରିଣ, ବାରହା, ସମ୍ବର ଇତ୍ୟାଦି ମୁଖ୍ୟ ପଶୁ । ସମଗ୍ର ପୃଥିବୀର ଏକ ତୃତୀୟାଂଶ ବନ୍ୟପ୍ରାଣୀ ଭାରତରେ ଦେଖାଯାନ୍ତି । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ହାତୀର ସ୍ଥାନ ସବୁଠାରେ ଉପରେ । ହାତୀ ସାଧାରଣତଃ ଆସାମ, କେରଳ, କର୍ଣ୍ଣାଟକ, ଓଡ଼ିଶା, ଆନ୍ଧ୍ର, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟର ଅରଣ୍ୟ ଗୁଡ଼ିକରେ ବାସ କରନ୍ତି । ଜଳହସ୍ତୀ ଆସାମ ଓ ପଶ୍ଚିମବଙ୍ଗର ସନ୍ତସନ୍ତିଆ ଜଙ୍ଗଲରେ ଅଧିକ ସଂଖ୍ୟାରେ ବାସ କରନ୍ତି । ଓଟ ଓ ବନ୍ୟ ଗଧ ଥର୍ ମରୁଭୂମି ଓ ଗୁଜରାଟର କଚ୍ଛ ଉପକୂଳରେ ଦେଖିବାକୁ ମିଳନ୍ତି । ଗୁଜରାଟର ଗିର୍ ଅରଣ୍ୟ ସିଂହମାନଙ୍କର ବାସସ୍ଥଳୀ । ପଶ୍ଚିମବଙ୍ଗର ସୁନ୍ଦରବନ, ମଧ୍ୟପ୍ରଦେଶ, ଓଡ଼ିଶା, ହିମାଳୟର ପାର୍ବତ୍ୟ ଅଞ୍ଚଳରେ ଅଧିକ ସଂଖ୍ୟକ ବାଘ ଦେଖାଯାନ୍ତି । **ବାଘ ଭାରତର ଜାତୀୟ ପଶୁ** । ଏହା ବ୍ୟତୀତ ଡେନ୍ଦୁଆ, କଲରାପତରିଆ ବାଘ, ଚିତାବାଘ, ବଣମହିଷ, ମାଙ୍କଡ଼ ଇତ୍ୟାଦି ଦେଖାଯା'ନ୍ତି ।

ଭାରତ-ନେପାଳ ସୀମା ନିକଟବର୍ତ୍ତୀ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଚମରୀଗାଇ, କସ୍ତୁରୀମୃଗ ପ୍ରଭୃତି ବିରଳପ୍ରାଣୀ ଦେଖାଯାନ୍ତି । ମଧ୍ୟପ୍ରଦେଶ, ଓଡ଼ିଶା ଓ ଉତ୍ତରପ୍ରଦେଶର ଅରଣ୍ୟରେ ନୀଳଗାଇ ଦେଖାଯାଆନ୍ତି । ଜାମ୍ମୁ ଓ କାଶ୍ମୀରର ପାର୍ବତ୍ୟ ଅଞ୍ଚଳରେ ଦୀର୍ଘ ଲୋମଯୁକ୍ତ ବନ୍ୟ ଛାଗଳ ଦେଖାଯା'ନ୍ତି ।

ଭାରତର ବିଭିନ୍ନ ଅରଣ୍ୟରେ ଅଜଗର, ଅହିରାଜ, ନାଗ, ରଣା, ବୋଡ଼ା ଆଦି ବିଷଧର ସର୍ପ ଦେଖାଯାଆନ୍ତି । ନଦୀ, ହ୍ରଦ, ଜଳାଶୟରେ କୁମ୍ଭୀର, ମାଛ, ଗେଣ୍ଡା, କଇଁଛ, ମଗର ଆଦି ପ୍ରାଣୀ ରହିଛନ୍ତି ।

ଭାରତର ଅରଣ୍ୟଗୁଡ଼ିକରେ ବିଭିନ୍ନ ପ୍ରକାରର ପକ୍ଷୀ ବାସ କରନ୍ତି । ମୟୂର, ଶୁଆ, ଶାରୀ, କୋଚିଲାଖାଇ, ଛଞ୍ଚାଣ, ଚିଲ ଆଦି ଅନେକ ପକ୍ଷୀ ଦେଖାଯାନ୍ତି । **ମୟୂର ଆମ ଦେଶର ଜାତୀୟ ପକ୍ଷୀ** । ଅନେକ ପ୍ରକାରର ପ୍ରଜାପତିରେ ଭାରତର ଅରଣ୍ୟଗୁଡ଼ିକ ସମୃଦ୍ଧ ।




ମାନଚିତ୍ର : 4.4

## ଓଡ଼ିଶାର ବନ୍ୟପ୍ରାଣୀ :

ଓଡ଼ିଶାର ଅରଣ୍ୟଗୁଡ଼ିକ ଅନେକ ପ୍ରକାରର ବନ୍ୟପ୍ରାଣୀରେ ପରିପୂର୍ଣ୍ଣ । ଘଞ୍ଚ ଜଙ୍ଗଲରେ ହାତୀ, ବାଘ, ଚିତାବାଘ, ତେନ୍ଦୁଆ, ଠେକୁଆ, ନୀଳଗାଈ, ହରିଣ, ସମ୍ବର, ଗୟଳ ଇତ୍ୟାଦି ବାସ କରନ୍ତି । ମୟୂରଭଞ୍ଜର ଶିମିଳିପାଳରେ ମହାବଳବାଘ ଓ ଭୁବନେଶ୍ୱର ନିକଟବର୍ତ୍ତୀ ଚନ୍ଦକା ଅରଣ୍ୟରେ ବହୁ ସଂଖ୍ୟାରେ ହାତୀ ଦେଖାଯାନ୍ତି । ମାଲ୍‌କାନଗିରି ଓ ଖଡ଼ିଆଳ ଅରଣ୍ୟରେ ବନ୍ୟମହିଷ ବାସକରନ୍ତି । କୋରାପୁଟ, ସମ୍ବଲପୁର, ଦେବଗଡ଼, ବୌଦ୍ଧ, ଅନୁଗୁଳ, ପ୍ରଭୃତି ଜିଲ୍ଲାଗୁଡ଼ିକରେ ନୀଳଗାଈ, ଚଉଶିଙ୍ଗା, ହରିଣ, ସମ୍ବର ଇତ୍ୟାଦି ଦେଖାଯାନ୍ତି । କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଅରଣ୍ୟରେ ଗୟଳ ବାସ କରନ୍ତି । ଏହାଛଡ଼ା ଓଡ଼ିଶାର ପ୍ରାୟ ସବୁ ଅରଣ୍ୟରେ ଭାଲୁ, ଗଧିଆ, ଠେକୁଆ, ତେନ୍ଦୁଆ, ବାରହା, ହରିଣ, ସମ୍ବର, କୁଟରା, ମାଙ୍କଡ଼ ଇତ୍ୟାଦି ଦେଖାଯାନ୍ତି । ପୁରୀ ଓ ଗଞ୍ଜାମ ଉପକୂଳରେ ବାଲିହରିଣ, କୃଷ୍ଣସାରମୃଗ ରହିଛନ୍ତି ।

ଓଡ଼ିଶାରେ ଅନେକ ପ୍ରକାରର ସରୀସୃପ ବାସକରନ୍ତି । ସେମାନଙ୍କ ମଧ୍ୟରେ ଅହିରାଜ, ନାଗ, ତମ୍ପ, ଅଜଗର, ବୋଡ଼ା, ରଣା ଇତ୍ୟାଦି ମୁଖ୍ୟ । ଏହା ବ୍ୟତୀତ ବଜ୍ରକାପ୍ତା, ଗୋଧି, ଏଣ୍ଡୁଅ, କୁମ୍ଭୀର, ମଗର, ପ୍ରଭୃତି ମଧ୍ୟ ଦେଖାଯାନ୍ତି ।

ଓଡ଼ିଶାରେ ଅନେକ ପ୍ରକାରର ପକ୍ଷୀ ବାସ କରନ୍ତି । ଚିଲିକା ହ୍ରଦ, ଅଂଶୁପା ହ୍ରଦ, ହୀରାକୁଦ ଜଳଭଣ୍ଡାର, ସୁନାବେଡ଼ା ଅଭୟାରଣ୍ୟ, ଶିମିଳିପାଳ ଜୈବମଣ୍ଡଳ, ଭିତର କନିକା ପ୍ରଭୃତିରେ ଅସଂଖ୍ୟ ବିରଳପକ୍ଷୀ ଦେଖାଯାନ୍ତି । ଅନେକ ସ୍ଥଳଚର ପ୍ରାଣୀ ମଧ୍ୟ ଏଠାରେ ବାସକରନ୍ତି । ସେମାନେ ହେଲେ ନୀଳରକ୍ତ କଙ୍କଡ଼ା, ବିଛା କଙ୍କଡ଼ା, ଗେଣ୍ଡା, ଶାମୁକା, ଜୋକ, ଜେଲିଫିସ୍, ପ୍ରବାଳ ଇତ୍ୟାଦି । ବିଭିନ୍ନ ପ୍ରକାରର ବେଙ୍ଗ ମଧ୍ୟ ଏଠାରେ ଦେଖିବାକୁ ମିଳନ୍ତି । ଓଡ଼ିଶାର ନୀଳରକ୍ତ କଙ୍କଡ଼ା ପୃଥିବୀ ପ୍ରସିଦ୍ଧ । ଓଡ଼ିଶା ରଙ୍ଗବେରଙ୍ଗ ପ୍ରଜାପତି, କଙ୍କି, ବିରୁଡ଼ି, ଭ୍ରମର, ମହୁମାଛି, ବୁଢ଼ିଆଣୀ, ଝିଣ୍ଟିକା ଇତ୍ୟାଦି କୀଟପତଙ୍ଗମାନଙ୍କର ବାସସ୍ଥଳୀ ଅଟେ ।

## ବନ୍ୟଜନ୍ତୁ ସଂରକ୍ଷଣ :

ଭାରତର ତଥା ଓଡ଼ିଶାର ଅରଣ୍ୟର ଆୟତନ କ୍ରମଶଃ ହ୍ରାସ ପାଉଥିବାରୁ ଏବଂ ଲୋକମାନେ ପଶୁପକ୍ଷୀମାନଙ୍କୁ ଅବାଧରେ ଶିକାର କରୁଥିବାରୁ ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଉଛି । ଜନସଂଖ୍ୟା ବୃଦ୍ଧି, ଶିଳ୍ପର ବିକାଶ, ନଗରୀକରଣ ପ୍ରଭୃତି କାରଣ ଯୋଗୁଁ ଅରଣ୍ୟର ଆୟତନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଫଳରେ ଉକ୍ତ ପରିସଂସ୍ଥାରେ ବାସ କରୁଥିବା ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ପ୍ରଭୃତିର ସଂଖ୍ୟାରେ ହ୍ରାସ ଅନୁଭୂତ ହେଉଛି । କେତେକ ବନ୍ୟପ୍ରାଣୀ ଲୋପ ପାଇଗଲେଣି, ଅନ୍ୟ କେତେକ ଲୋପ ପାଇବାକୁ ବସିଲେଣି । ସେଥିପାଇଁ ବନ୍ୟପ୍ରାଣୀଗୁଡ଼ିକର ସଂରକ୍ଷଣ ପ୍ରତି ସରକାର ତଥା ଜନସାଧାରଣ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ ପାଇଁ ଭାରତ ସରକାର ୧୯୭୨ ମସିହାରୁ ଏକ **"ବନ୍ୟପ୍ରାଣୀ ସଂରକ୍ଷଣ ବୋର୍ଡ଼"** ଗଠନ କରିଛନ୍ତି । ଦେଶର ବିଭିନ୍ନ ଅଞ୍ଚଳରେ ସଂରକ୍ଷିତ ଜୈବମଣ୍ଡଳ, ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ପକ୍ଷୀବିହାର ଇତ୍ୟାଦି ସ୍ଥାପନ କରାଯାଇଛି । ୧୯୭୨ ମସିହାର ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ଅନୁସାରେ କେତେକ ପ୍ରାବଧାନ ପ୍ରଣୀତ ହୋଇଛି । ସେଗୁଡ଼ିକ ହେଲା– (କ) ବିଲୁପ୍ତ ହୋଇଯାଉଥିବା ବନ୍ୟପ୍ରାଣୀଙ୍କର ପ୍ରଜାତିଗୁଡ଼ିକୁ ସଂରକ୍ଷଣ କରିବା ନିମିତ୍ତ ଦିଗ୍‌ଦର୍ଶନ ଦେବା ପାଇଁ ଭାରତୀୟ ବନ୍ୟପ୍ରାଣୀ ପରିଷଦ ଗଠନ (ଖ) ଦୁର୍ଲ୍ଲଭ ଓ ନିଃଶେଷ ହୋଇଯାଉଥିବା ପ୍ରଜାତିଗୁଡ଼ିକର ବ୍ୟବସାୟ ବା କ୍ରୟବିକ୍ରୟ କେନ୍ଦ୍ର ବନ୍ଦ କରିବା ପାଇଁ ବନ୍ୟପ୍ରାଣୀ ସୁରକ୍ଷା ନିୟମ ପ୍ରଣୟନ (ଗ) ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ବିଭିନ୍ନ ସମିତି ଗଠନ (ଘ) ବିଭିନ୍ନ ବନ୍ୟପ୍ରାଣୀଙ୍କର ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକଳ୍ପ ଗଠନ କରିବା ।

> ***ସଂରକ୍ଷିତ ଜୈବମଣ୍ଡଳରେ ଭୂମିକୁ ପ୍ରାକୃତିକ ଅବସ୍ଥାରେ ରଖାଯାଇ ସମସ୍ତ ପ୍ରକାର ପ୍ରାକୃତିକ ଉଦ୍ଭିଦ ଓ ବନ୍ୟପ୍ରାଣୀ ସଂରକ୍ଷଣ କରାଯାଏ ।***

ଭାରତର ସମୁଦାୟ ୧୨ ଗୋଟି ସଂରକ୍ଷିତ ଜୈବମଣ୍ଡଳ,

୮୯ଗୋଟି ଜାତୀୟ ଉଦ୍ୟାନ, ୪୯୦ଗୋଟି ଅଭୟାରଣ୍ୟ, ୨୭ଗୋଟି ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ହରିଣ ପ୍ରକଳ୍ପ, ଗୋଟିଏ ସିଂହ ପ୍ରକଳ୍ପ, ଗୋଟିଏ କସ୍ତୁରୀମୃଗ ପ୍ରକଳ୍ପ, ମଗର ପ୍ରଜନନ ପ୍ରକଳ୍ପ, ହସ୍ତୀ ପ୍ରକଳ୍ପ ଇତ୍ୟାଦି ସ୍ଥାପିତ ହୋଇଛି ।

୧୨ଗୋଟି ସଂରକ୍ଷିତ ଜୈବମଣ୍ଡଳ ହେଉଛି- ଉତ୍ତରାଖଣ୍ଡର ନନ୍ଦାଦେବୀ, ପଶ୍ଚିମବଙ୍ଗର ସୁନ୍ଦରବନ, ସିକିମର କାଞ୍ଚନଜଂଗା, ଆସାମର ମାନସ ଓ ଦିବ୍ରୁ ସୈଖାଓ୍ୱା, ଅରୁଣାଚଳପ୍ରଦେଶର ଦିହାଙ୍ଗ ଓ ଦିବଙ୍ଗ, ମେଘାଳୟର ନୋକ୍ରେକ, ଓଡ଼ିଶାର ଶିମିଳିପାଳ, ମଧ୍ୟପ୍ରଦେଶର ପଞ୍ଚମାରୀ, ତାମିଲନାଡୁର ନୀଳଗିରି ଓ ମାନ୍ନାର ଉପସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଗ୍ରେଟ ନିକୋବର ।

*ଅଭୟାରଣ୍ୟ- ଏଥିରେ କମ୍ ସୁରକ୍ଷାର ବ୍ୟବସ୍ଥା ରହିଛି । ଏଥିରେ ବନ୍ୟପ୍ରାଣୀଙ୍କର ସୁରକ୍ଷା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇଥାଏ । ଏଥିରେ କିଛି ଉତ୍ତମ ଉପାଦେୟ କାର୍ଯ୍ୟପାଇଁ ଭୂମି ଉପଯୋଗ କରିବା ପାଇଁ ଅନୁମତି ଦିଆଯାଇଥାଏ ।*

କେତେକ ମୁଖ୍ୟ ଜାତୀୟ ଉଦ୍ୟାନ ହେଉଛି- ଜାମ୍ମୁ ଓ କାଶ୍ମୀରର ଡାଚ୍ଛିଗ୍ରାମ ଉଦ୍ୟାନ (ହାଙ୍ଗୁଲ କସ୍ତୁରୀମୃଗ) ଉତ୍ତରାଖଣ୍ଡର କର୍ବେଟଉଦ୍ୟାନ (ବାଘ, ହାତୀ, ତେନ୍ଦୁଆ, ହରିଣ ଇତ୍ୟାଦି), ଉତ୍ତରପ୍ରଦେଶର ଦୁଧୱା ଉଦ୍ୟାନ (ବାଘ, ବାରସିଂଗା ଓ କୃଷ୍ଣହରିଣ), ମଧ୍ୟପ୍ରଦେଶର କାହ୍ନା ଉଦ୍ୟାନ (ବାଘ ଓ ବାରସିଂଗା), କର୍ଣ୍ଣାଟକର ବାନ୍ଦୀପୁର, ତାମିଲନାଡୁର ମଧୁମଲାଇ ଓ ନାଗରହୋଡ଼ କେରଳର ବାଇବାଡ଼ (ହାତୀ), ପେରିଆର (ହାତୀ ଓ ବାଘ), ରାଜସ୍ଥାନର ଭରତପୁରରେ ଅବସ୍ଥିତ କେବଳାଦେବ ଘାନା (ବିବିଧ ଜଳପକ୍ଷୀ), ରାଜସ୍ଥାନର ମରୁଦ୍ୟାନ (ମରୁସ୍ଥଳୀ ମେଣ୍ଢା, ବିଲେଇ ଇତ୍ୟାଦି), ଗୁଜରାଟର ଗୀର୍ (ସିଂହ, ଠେକୁଆ, ଚିତା, ସମ୍ବର, ନୀଳଗାଈ, ଚୌଶିଙ୍ଗା, ଚିକାରା ଇତ୍ୟାଦି), ଆସାମର କାଜିରଂଗା (ଗଣ୍ଡା ଓ ବନ୍ୟମହିଷ) ଏବଂ ମାନସ (ହାତୀ, ଗଣ୍ଡା, ବନ୍ୟମହିଷ, ଗୌର ବାରସିଂଗା, ବାରହା, ଗିବନ, ମାଙ୍କଡ଼, ବାଘ, ଠେକୁଆ, ଲମାଚିକା, ଘଡ଼ିଆଳ କୁମ୍ଭୀର, ଅଜଗର ଇତ୍ୟାଦି),

*ଜାତୀୟ ଉଦ୍ୟାନ : ଏଥିରେ ପ୍ରାକୃତିକ ଅରଣ୍ୟକୁ ସୁରକ୍ଷା ଅଧିକ ପରିମାଣରେ ଦିଆଯାଏ । ଏହାର ସୀମାଭିତରେ ପଶୁଚାରଣ ନିଷେଧ କରାଯାଇଛି । ଏହାର ସୀମା ଭିତରେ କୌଣସି ବ୍ୟକ୍ତିର ଭୂମି ଅଧିକାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ।*



ଚିତ୍ର : 19 ଗଣ୍ଡା

ଅରୁଣାଚଳପ୍ରଦେଶର ନମଦାଫା (ବାଘ, ଗୌର, ବନ୍ୟମହିଷ, ଗୌରାଳ, ତେକିନ ଇତ୍ୟାଦି), ପଶ୍ଚିମବଙ୍ଗର ସୁନ୍ଦରବନ (ମହାବଳବାଘ) ଇତ୍ୟାଦି । ଏହାବ୍ୟତୀତ ଗୁଜୁରାଟର ସିଂହ ପ୍ରକଳ୍ପ, ଜାମ୍ମୁ ଓ କାଶ୍ମୀରର କସ୍ତୁରୀମୃଗ ପ୍ରକଳ୍ପ, ମଣିପୁରର ବାମିନ (ହରିଣ) ପ୍ରକଳ୍ପ, କାଶ୍ମୀରର ହାଙ୍ଗୁଲ ହରିଣ ପ୍ରକଳ୍ପ, ଓଡ଼ିଶାର ଭିତରକନିକା ଓ ଟିକରପଡ଼ାର ମଗର ପ୍ରଜନନ ପ୍ରକଳ୍ପ,



ଚିତ୍ର : 20 ମହାବଳ ବାଘ



ଚିତ୍ର : 21  କୁମ୍ଭୀର

ଚନ୍ଦକା ହସ୍ତୀ ପ୍ରକଳ୍ପ ଏବଂ ଶିମିଳିପାଳର ବ୍ୟାଘ୍ର ପ୍ରକଳ୍ପ ଇତ୍ୟାଦି ବିଶେଷ ଉଲ୍ଲେଖଯୋଗ୍ୟ ।



ଚିତ୍ର : 22  ଭ୍ରମଣକାରୀ ପକ୍ଷୀ

ଓଡ଼ିଶାର ଶିମିଳିପାଳ ହେଉଛି ଏକମାତ୍ର ସଂରକ୍ଷିତ ଜୈବମଣ୍ଡଳ । ଓଡ଼ିଶାରେ ଦୁଇଗୋଟି ଜାତୀୟ ଉଦ୍ୟାନ ରହିଛି । ଏଗୁଡ଼ିକ ହେଲା- କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଓ ବୌଦ୍ଧ ଜିଲ୍ଲାର ପଦ୍ମତୋଳା ଜାତୀୟ ଉଦ୍ୟାନ । ଭିତରକନିକାରେ ପ୍ରାୟ ୨୧୭ଟି ପ୍ରଜାତିର ପକ୍ଷୀ ଦେଖାଯା'ନ୍ତି । ଏଠାରେ ୮୦ ପ୍ରକାରର ପକ୍ଷୀ ଜଳରେ ଦେଖାଯାଆନ୍ତି । ସେଥିମଧ୍ୟରୁ ୩୪ ପ୍ରକାରର ପକ୍ଷୀ ଦେଶୀୟ ଏବଂ ୪୬ ପ୍ରକାରର ପକ୍ଷୀ ବିଦେଶୀୟ । ୫୯ ପ୍ରକାରର ପକ୍ଷୀ ବୃକ୍ଷ ଉପରେ ଦେଖାଯାଆନ୍ତି । ପ୍ରତିବର୍ଷ ପ୍ରାୟ ୮୦,୦୦୦ ପ୍ରଜନନକ୍ଷମ ଦେଶୀୟ ପକ୍ଷୀ ଏଠାରେ ବସା ବାନ୍ଧି ଅଣ୍ଡା ଦିଅନ୍ତି ।

ବୌଦ୍ଧ ଜିଲ୍ଲାର ପଦ୍ମତୋଳା ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନର ମାନ୍ୟତା ଦିଆଯାଇଛି । ଏହା ନୟାଗଡ଼ ଜିଲ୍ଲାର ସୀମାକୁ ଲାଗି ରହିଛି । ମହାନଦୀର ସାତକୋଶିଆ ଗଣ୍ଡର ଦକ୍ଷିଣ ପାର୍ଶ୍ୱରେ ଏହା ଅବସ୍ଥିତ । ଏହି ଜାତୀୟ ଉଦ୍ୟାନରେ ଘଞ୍ଚ ଶାଳବୃକ୍ଷର ଅରଣ୍ୟ ଦେଖାଯାଏ । ଏଠାରେ ମହାବଳ ବାଘ, ହାତୀ ଓ ଅନ୍ୟାନ୍ୟ ବହୁପ୍ରକାରର ବନ୍ୟପ୍ରାଣୀ ବାସକରନ୍ତି ।

ଓଡ଼ିଶାରେ ପ୍ରାୟ ୧୮ଟି ଅଭୟାରଣ୍ୟ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ନିକଟବର୍ତ୍ତୀ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଲକ୍ଷ ଲକ୍ଷ ସଂଖ୍ୟାରେ ଅଣ୍ଡା ଦେବାପାଇଁ ଆସିଥାନ୍ତି । ପୁରୀ ଜିଲ୍ଲା ଅନ୍ତର୍ଗତ କୋଣାର୍କର ବାଲୁଖଣ୍ଡ ଅଭୟାରଣ୍ୟରେ କୃଷ୍ଣସାର ମୃଗ, ହରିଣ, ପାତିମାଙ୍କଡ଼, ହନୁମାଙ୍କଡ଼,



ଚିତ୍ର : 23  କଇଁଛ

ଠେକୁଆ, ବଣବିରାଡ଼ି ପ୍ରଭୃତି ବନ୍ୟପ୍ରାଣୀ ବାସ କରନ୍ତି । ଖୋର୍ଦ୍ଧା ଜିଲ୍ଲାର ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଅନେକ ସଂଖ୍ୟକ ହାତୀ ବାସ କରନ୍ତି । ବରଗଡ଼ ଜିଲ୍ଲାର ଡେବ୍ରିଗଡ଼



ଚିତ୍ର : 24  ଅଜଗର

ଅଭୟାରଣ୍ୟରେ ବାଘ, ଚିତାବାଘ, ଭାଲୁ, ହରିଣ ଇତ୍ୟାଦି ବାସ କରନ୍ତି । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ

ଅବସ୍ଥିତ ହଦଗଡ଼ ଅଭୟାରଣ୍ୟରେ ହାତୀ, ଚିତାବାଘ, ଭାଲୁ, ବଳିଆକୁକୁର ପ୍ରଭୃତି ବନ୍ୟଜନ୍ତୁ ରହୁଛନ୍ତି । ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା ବନଖଣ୍ଡ ମଧ୍ୟରେ ଅବସ୍ଥିତ କୋଠଗଡ଼ ଅଭୟାରଣ୍ୟରେ ହାତୀ, ମହାବଳ ବାଘ, ଚିତାବାଘ, ଭାଲୁ, ବାରହା, ହରିଣ, ସମ୍ବର, ନୀଳଗାଈ, ଚଉଶିଂଗା ଇତ୍ୟାଦି ବାସ କରନ୍ତି । ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ



ଚିତ୍ର : 25 ଚମରୀଗାଈ

ବନଖଣ୍ଡର ଖିଲାସୁଣୀ ଅଭୟାରଣ୍ୟରେ ହାତୀ, ମହାବଳବାଘ, ଚିତାବାଘ, ଭାଲୁ, ହରିଣ, ସମ୍ବର ପ୍ରଭୃତି ବାସ କରନ୍ତି । ଏହିପରି ବାଲେଶ୍ୱର ଜିଲ୍ଲାର କୁଲଡ଼ିହ ଅଭୟାରଣ୍ୟ, ଗଜପତି



ଚିତ୍ର : 26 ହରିଣ

ଜିଲ୍ଲାର ଲାଖେରୀ ଉପତ୍ୟକା ଅଭୟାରଣ୍ୟ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାର ମହାନଦୀ ବାଇସିପଲ୍ଲୀ ଅଭୟାରଣ୍ୟ, ନୟାଗଡ଼, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାର ସାତକୋଶିଆ ଅଭୟାରଣ୍ୟ, ସମ୍ବଲପୁର ଜିଲ୍ଲାର ଉଷାକୋଠୀ (ବଡ଼ରମା) ଅଭୟାରଣ୍ୟ, ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ, ଗଞ୍ଜାମ ଜିଲ୍ଲାର ଭେଟନଇ-ବାଲିପଦର କୃଷ୍ଣସାରମୃଗ କ୍ରୀଡ଼ା ସଂରକ୍ଷଣ ଅଭୟାରଣ୍ୟ ଇତ୍ୟାଦି ବିଶେଷ ଉଲ୍ଲେଖଯୋଗ୍ୟ ।

ଓଡ଼ିଶାର ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାଦ୍ୱାରା ପରିବେଷ୍ଟିତ ଏବଂ ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ



ଚିତ୍ର : 27 ମୟୂର

ଚିଲିକା ଭାରତର ସର୍ବବୃହତ୍ କ୍ଷାର ପାଣିଯୁକ୍ତ ହ୍ରଦ । ଏହି ଜଳରାଶି ଜୈବ ବିବିଧତାର ଏକ ଅସାଧାରଣ ଗନ୍ତାଘର । ବିଭିନ୍ନ ପ୍ରକାର ପକ୍ଷୀମାନଙ୍କର ବାସସ୍ଥଳୀ ରୂପେ ଏହାକୁ ୧୯୮୧ରେ ରାମ୍‌ସାର କନଭେନ୍‌ସନ ଅନୁସାରେ ଏକ



ଚିତ୍ର : 28 ଶୁଆ

ଆନ୍ତର୍ଜାତିକ ଗୁରୁତ୍ୱ ବହନକାରୀ ଆର୍ଦ୍ରଭୂମି (Wet land) ରୂପେ ଘୋଷଣା କରାଯାଇଛି । ଚିଲିକାର ପକ୍ଷୀ ସମ୍ଭାର ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଏଠାରେ ପ୍ରାୟ ୧୬୦ ଜାତିର ପକ୍ଷୀ ଦେଖାଯାନ୍ତି । ତନ୍ମଧ୍ୟରୁ ପ୍ରାୟ ୯୭ଟି ଜାତି ସୁଦୂର ସାଇବେରିଆ, କିରଗୀଜସ୍ଥାନ, କାସ୍ପିଆନ ସାଗର, ବୈକାଳ ହ୍ରଦ, ମଙ୍ଗୋଲିଆ, ଇରାକ, ଇରାନ, ହିମାଳୟ ଆଦି ସ୍ଥାନରୁ ଶୀତଋତୁରେ ଆସିଥାନ୍ତି ।



ଚିତ୍ର : 29 ହଂସ

ପକ୍ଷୀମାନଙ୍କର ମୁଖ୍ୟ ବାସସ୍ଥଳୀ ନଳବନକୁ ୧୯୮୭ ମସିହାରେ ଏକ ଅଭୟାରଣ୍ୟ ରୂପେ ଘୋଷଣା କରାଯାଇଛି ।

ବନ୍ୟଜନ୍ତୁ ସଂରକ୍ଷଣ ଏକ ଜାତୀୟ ଯୋଜନା ହେବା ସଙ୍ଗେ ସଙ୍ଗେ ଏହାକୁ ଆନ୍ତର୍ଜାତିକ ଗୁରୁତ୍ୱ ମଧ୍ୟ ପ୍ରଦାନ କରାଯାଉଛି । ଏଥିପାଇଁ ଜାତିସଂଘର ଏକ ସଂସ୍ଥାଦ୍ୱାରା ବିଭିନ୍ନ ପ୍ରକାରର ସାହାଯ୍ୟ ପ୍ରଦାନ କରାଯାଉଛି । ସାମାଜିକ ସ୍ତରରେ ଜନଚେତନା ସୃଷ୍ଟି କରାଯାଇ ବନ୍ୟଜନ୍ତୁପ୍ରତି ନିଷ୍ଠୁରତା ନ ଦେଖାଇବାପାଇଁ ଚେଷ୍ଟା କରାଯାଉଛି ।



ଚିତ୍ର : 30 ନଳବନ ପକ୍ଷୀ ଅଭୟାରଣ୍ୟ

# ପ୍ରଶ୍ନାବଳୀ

୧। **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) ଅଭୟାରଣ୍ୟ କାହାକୁ କହନ୍ତି ?

(ଖ) ସଂରକ୍ଷିତ ଜୈବମଣ୍ଡଳ କହିଲେ ତୁମେ କ'ଣ ବୁଝ ?

(ଗ) ଜାତୀୟ ଉଦ୍ୟାନ କାହାକୁ କହନ୍ତି ?

୨। **ପାର୍ଥକ୍ୟ ଦର୍ଶାଅ ।**

(କ) ଜାତୀୟ ପଶୁ ଓ ଜାତୀୟ ପକ୍ଷୀ

(ଖ) ଭାରତୀୟ ବନ୍ୟପ୍ରାଣୀ ପରିଷଦ ଓ ବନ୍ୟପ୍ରାଣୀ ସୁରକ୍ଷା ନିୟମ

୩। **ସଂକ୍ଷିପ୍ତ ଟୀପ୍ପଣୀ ଲେଖ ।**

(କ) ବନ୍ୟପ୍ରାଣୀ ସଂରକ୍ଷଣ ବୋର୍ଡ଼

(ଖ) ସଂରକ୍ଷିତ ଜୈବମଣ୍ଡଳ

(ଗ) ଆସାମର ମାନସ ଜାତୀୟ ଉଦ୍ୟାନ

୪। **ନିମ୍ନଲିଖିତ ପଶୁଗୁଡ଼ିକ କେଉଁଠାରେ ଦେଖାଯାନ୍ତି ?**

(କ) ଚମରୀ ଗାଈ

(ଖ) ଚିତାବାଘ

(ଗ) କସ୍ତୁରୀମୃଗ

୫। **ନିମ୍ନରେ ଦିଆଯାଇଥିବା ଅଭୟାରଣ୍ୟଗୁଡ଼ିକ କେଉଁ ରାଜ୍ୟରେ ଅବସ୍ଥିତ ଏବଂ ସେଗୁଡ଼ିକ କେଉଁ କେଉଁ ପଶୁପକ୍ଷୀମାନଙ୍କର ସଂରକ୍ଷଣ କରିଥା'ନ୍ତି ଲେଖ ।**

(କ) ଭିତରକନିକା

(ଖ) ଚନ୍ଦକା

(ଗ) କାଜିରଙ୍ଗା ଜାତୀୟ ଉଦ୍ୟାନ

(ଘ) ଗୀର୍ ଜାତୀୟ ଉଦ୍ୟାନ

(ଙ) କର୍ବେଟ୍ ଜାତୀୟ ଉଦ୍ୟାନ

୬। ଭାରତର ସଂରକ୍ଷିତ ଜୈବମଣ୍ଡଳ ସମ୍ବନ୍ଧରେ ଲେଖ ।

୭। ଓଡ଼ିଶାର ଜାତୀୟ ଉଦ୍ୟାନ ସମ୍ବନ୍ଧରେ ଲେଖ ।

୮। ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ସମ୍ବନ୍ଧରେ ଲେଖ ।

୯। ଭାରତର ରେଖାଙ୍କିତ ମାନଚିତ୍ରରେ ଜୈବମଣ୍ଡଳ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଦର୍ଶାଅ ।

୧୦। ଓଡ଼ିଶାର ରେଖାଙ୍କିତ ମାନଚିତ୍ରରେ ଜୈବମଣ୍ଡଳ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଦର୍ଶାଅ ।

**୧୧। ଓଡ଼ିଶାର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଅରଣ୍ୟଗୁଡ଼ିକୁ ଦର୍ଶାଅ ।**

(କ) ଜୁଆରିଆ ଅରଣ୍ୟ

(ଖ) କ୍ରାନ୍ତୀୟ ଆର୍ଦ୍ର ପର୍ଣ୍ଣମୋଚୀ ଅରଣ୍ୟ

**ତୁମ ପାଇଁ କାମ :**

(କ) ପ୍ରତ୍ୟେକ ପ୍ରକାର ପଶୁର ଚିତ୍ର ସଂଗ୍ରହ କରି ରେଖାଙ୍କିତ ଭାରତ ମାନଚିତ୍ରରେ ଉପଯୁକ୍ତ ସ୍ଥାନରେ ଲଗାଅ ।

(ଖ) ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ପଶୁ ପକ୍ଷୀ ଓ ଜଳଚର ଜୀବମାନଙ୍କର ଚିତ୍ର ସଂଗ୍ରହ କରି ଉପଯୁକ୍ତ ସ୍ଥାନରେ ଲଗାଅ ।

(ଗ) ପ୍ରତ୍ୟେକ ପ୍ରକାର ଅରଣ୍ୟରୁ ଗୋଟିଏ ଲେଖାଏଁ ବୃକ୍ଷର ଚିତ୍ର ସଂଗ୍ରହ କରି ଭାରତର ରେଖାଙ୍କିତ ମାନଚିତ୍ର ଉପରେ ଉପଯୁକ୍ତ ସ୍ଥାନରେ ଲଗାଅ ।

(ଘ) ପ୍ରତ୍ୟେକ ପ୍ରକାର ପକ୍ଷୀର ଚିତ୍ର ସଂଗ୍ରହ କରି ରେଖାଙ୍କିତ ଭାରତ ମାନଚିତ୍ରରେ ଉପଯୁକ୍ତ ସ୍ଥାନରେ ଲଗାଅ ।

(ଙ) ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ବୃକ୍ଷର ଚିତ୍ର ଉପଯୁକ୍ତ ସ୍ଥାନରେ ଲଗାଅ ।

(ଚ) ରେଖାଙ୍କିତ ଓଡ଼ିଶା ମାନଚିତ୍ରରେ ପଶୁ ଓ ପକ୍ଷୀର ଚିତ୍ର ସଂଗ୍ରହ କରି ଲଗାଅ ।

●●●